ଶେଷ ପୃଷ୍ଠା

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 9th April 2024 Tuesday RNI Regd. No. ODIODI/2006/23033 Postal Regd. No. : BN/169/13-15

ତାତି ସହ ତାଳଦେଇ ଜଙ୍ଗଲରେ ଲାଗିଲା ନିଆଁ

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ରବିବାର ସୁଦ୍ଧା ରାଜ୍ୟର ୮ ହଜାର ପଏଣ୍ଟରେ ନିଆଁ ଲାଗିଛି । ୯୯.୫ ପ୍ରତିଶତ ନିଆଁକୁ ଲିଭାଯାଇଛି । ଆଜି ରାଜ୍ୟରେ ୨୦୦ ପଏଣ୍ଟରେ ନିଆଁ ଲାଗିଥିବା ଖବର ଆସିଛି । ଏନେଇ ସୂଚନା ଦେଇଛନ୍ତି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ।

ସେ କହିଛନ୍ତି, ଗତବର୍ଷ ଏହି ସମୟ ସୁଦ୍ଧା ରାଜ୍ୟର ୨୭ ହଜାର ପଏଣ୍ଟରେ ନିଆଁ ଲାଗିଥିଲା। ମାଲକାନଗିରିରେ ପୋଡୁ ଚାଷ ପାଇଁ ଅଧିକ ନିଆଁ ଲାଗୁଛି । ମହୁଲ ଫୁଲ ସଂଗ୍ରହ ଓ ଜନ୍ତୁ ଶିକାର ପାଇଁ ମଧ୍ୟ ନିଆଁ ଲଗାଉଛନ୍ତି ଲୋକେ । ଏମିତିକି କିଛି ଲୋକ ଦୁଷ୍ଟାମୀ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାଉଥିବା ଦେଖିବାକୁ ମିଳୁଛି । ନିଆଁ ଲଗାଉଥିବା ଲୋକ ଧରା ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ନିଆଁ ଲିଭାଇବା ପାଇଁ ୩୬୭ ସ୍କ୍ୱାର୍ଡ ନିୟୋଜିତ ହୋଇଛନ୍ତି । ୨ ହଜାର ୩୬୫ ସେଫ୍ଟି କିଟ୍ ସହ ୪ ହଜାର ୭୯୦ ଫାୟାର ଗ୍ଲୋଭର ଦିଆଯାଇଛି । ଜଙ୍ଗଲ ନିଆଁ ଲିଭାଇବା ପାଇଁ ସ୍ୱତନ୍ତ୍ର ଭାବେ ୩୩୦ ଗାଡ଼ି ନିୟୋଜିତ କରାଯାଇଛି । ଜଙ୍ଗଲରେ ଫାୟାର ଲାଇନ୍ ଚିହ୍ନଟ କରିବା ସହ ଜନ ସଚେତନ କରାଯାଉଛି । ଅଧିକ ନିଆଁ ବ୍ୟାପିଲେ ଓଡ୍ରାଫ୍ ଟିମ ସହାୟତା ନିଆଯିବ ବୋଲି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି ।

ଗ୍ୟାସ୍ ସିଲିଣ୍ଡର ଫାଟି ୧୧ ଆହତ

ବ୍ରହ୍ମପୁର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ରୋଷେଇ କରୁଥିବା ବେଳେ ଫାଟିଲା ଗ୍ୟାସ୍ ସିଲିଣ୍ଡର । ଆଜି ସନ୍ଧ୍ୟା ବେଳେ ଏପରି ଭୟଙ୍କର ବିସ୍ଫୋରଣ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକରେ ଜଣଙ୍କ ଘରେ ଘଟିଛି । ବିସ୍ଫୋରଣରେ ୧୧ ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି ।

ଆଜି ସନ୍ଧ୍ୟା ବେଳେ ପାତ୍ରପୁର ବ୍ଲକ ଆମୁଣ୍ଡି ଗାଁର ପ୍ରଶାନ୍ତ କୁମାର ବେହେରାଙ୍କ ଘରେ ରୋଷେଇ ହେଉଥିଲା। ଘରର ଜଣେ ମହିଳା ଗ୍ୟାସ୍‌ରେ ରାନ୍ଧୁ ଥିଲେ। ଠିକ ସେହି ସମୟରେ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିଥିବା ଦେଖି ମହିଳା ଜଣକ ବାହାରକୁ ଆସି ସାହି ପଡ଼ିଶାଙ୍କୁ କହିଥିଲେ। ଧୀରେ ଧୀରେ ନିଆଁ ବ୍ୟାପୀ ଥିଲା। ଗାଁ ଲୋକେ ନିଆଁ ଲିଭାଇବା ପାଇଁ ଘରେ ପଶିବା ବେଳେ ଗ୍ୟାସ୍ ସିଲିଣ୍ଡରଟି ବ୍ଲାଷ୍ଟ କରିଥିଲା।

ଗ୍ୟାସ୍ ସିଲିଣ୍ଡର ବ୍ଲାଷ୍ଟ କରିବାରୁ ନିଆଁ ଲିଭାଇବାକୁ ଯାଇଥିବା ଶଙ୍କର ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ଶ୍ରୀକାନ୍ତ କୁମାର ବେହେରା, ସିଦ୍ଧେଶ୍ୱର ବେହେରା, କିରଣ ବିଷୋୟୀ, ଅମନ ପଟ୍ଟନାୟକ, ରିଙ୍କୁ ବେହେରା, ଗଣେଶ ବେହେରା, ସୁଜିତ ବେହେରା, ଶିବରାମ ବେହେରା ଓ ଜଗନ୍ନାଥ ପଣ୍ଡା ପ୍ରମୁଖ ଆହତ ହୋଇଥିଲେ। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବା ସହିତ ଆହତଙ୍କୁ ଉଦ୍ଧାର କରି ଚିକିଟି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲା। ସେଠାରେ ୪ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି ।

ପ୍ରଥମ ପୃଷ୍ଠାରୁ...

ତାତିରୁ ସାମାନ୍ୟ ଆଶ୍ୱସ୍ତି...

ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିଲା ।

ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ରାଜ୍ୟରେ ତାପମାତ୍ରା ପୁଣି ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର ।

ବିଜେଡି ଛାଡ଼ିଲେ...

ସେ ଆହୁରି କହିଛନ୍ତି, ୨୦୧୪ରୁ ୨୦୧୯ ଦଳ ମୋତେ ଭରସା କରିଥିଲା, ମୋତେ ଟିକେଟ୍ ଦେଇଥିଲା । ୨୦୧୯ ରେ ମୋତେ ରିପିଟ୍ ପାଇଁ ଲୋକେ ଚାହୁଁଥିଲେ । ହେଲେ ମୋତେ ଟିକେଟ୍ ମିଳିଲା ନାହିଁ ।

ଏଥର ଅନ୍ୟ ଦଳରୁ ମୋତେ ଅଫର ଥିଲା । ହେଲେ ମୁଁ ଗଲି ନାହିଁ । ମୁଁ ନିର୍ବାଚନ ଲଢ଼ିବି ନାହିଁ, ଲୋକମାନଙ୍କ ସେବା କରିବି । ମୋ' ସମର୍ଥକଙ୍କ ସହ ଆଲୋଚନା କରି ଆଗକୁ କାର୍ଯ୍ୟପ୍ରନ୍ଥା ଗ୍ରହଣ କରିବି ବୋଲି ପ୍ରଭାସ କହିଛନ୍ତି । ତେବେ ପ୍ରଭାସ ବିଜେଡି ଛାଡ଼ିବା ପରେ ସେ କେଉଁ ଦଳରେ ସାମିଲ ହେବେ ତାହା ଜଣାପଡ଼ି ନାହିଁ ।

କ୍ଷତିରେ ଚାଲିଥିବା ୩୩ କମ୍ପାନୀ ...

୧୫୦ କୋଟିର କ୍ଷତି କରିଛି । କମ୍ପାନୀକୁ ୧୬୦ କୋଟିର ଟିକସ ଛାଡ଼ ମିଳିଛି।

ଧାରୀୱାଲି ଇନ୍‌ଫ୍ରାଷ୍ଟକ୍‌ଚର ଲିମିଟେଡ୍ ପକ୍ଷରୁ ୧୧୫ କୋଟିର ଇଲୋକ୍‌ଟ୍ରାଲ୍ ବଣ୍ଡ କ୍ରୟ କରାଯାଇଛି । କମ୍ପାନୀର କ୍ଷତି ପରିମାଣ ୨୯୯ କୋଟି ଟଙ୍କା ଥିବାବେଳେ ଏହାକୁ ୨୫ କୋଟିର ଟିକସ ଛାଡ଼ କରାଯାଇଛି । ପିଆର୍‌ଏଲ୍ ୨୦ କୋଟିର ଇଲୋକ୍‌ଟ୍ରାଲ୍ ବଣ୍ଡ କିଣିଥିବା ବେଳେ ୧୦ କୋଟିର ବଣ୍ଡ ବିଜେପିକୁ ଦେଇଛି । କମ୍ପାନୀକୁ ୪.୭ କୋଟିର ଟିକସ୍ ଛାଡ଼ କରାଯାଇଥିବା ବେଳେ ଏହା ଗତ ୭ ବର୍ଷରେ ୧୫୫୦ କୋଟିର କ୍ଷତି କରିଛି ବୋଲି ସେ କହିଛନ୍ତି ।

ଶରଦ ରେଡ୍ଡୀଙ୍କ ୟୁଜିୟା ଫାର୍ମା ଲିମିଟେଡ୍ ୧୫ କୋଟିର ଇଲୋକ୍‌ଟ୍ରାଲ୍ ବଣ୍ଡ କିଣି ଏସବୁକୁ ବିଜେପିକୁ ଦେଇଛି । ଏହି କମ୍ପାନୀ ଗତ ୭ ବର୍ଷରେ ୨୮ କୋଟିର କ୍ଷତି ସହିଛି । କମ୍ପାନୀକୁ ୭ କୋଟି ୨୦ ଲକ୍ଷର ଟିକସ ଛାଡ଼ କରାଯାଇଛି ।

ସେହିପରି ନନ୍ଦୀ ପ୍ରାଇଭେଟ୍ ଲିମିଟେଡ ୫ କୋଟିର ଇଲୋକ୍‌ଟ୍ରାଲ୍ ବଣ୍ଡ କିଣି ବିଜେପିକୁ ଦେଇଛି । କମ୍ପାନୀ ୪୮ କୋଟିର କ୍ଷତି ସହିଛି । ଅରବିନ୍ଦ ବିୟୁଟି ବ୍ରାଣ୍ଡସ ପ୍ରାଇଭେଟ୍ ଲିମିଟେଡ୍ ବିଜେପିକୁ ୩ କୋଟିର ଚାନ୍ଦା ଦେଇଛି । କମ୍ପାନୀ ୧୧ କୋଟିର କ୍ଷତି ସହିଥିବା ବେଳେ ଏହାକୁ ୧୩ କୋଟିର ଟିକସ୍ ଛାଡ଼ କରାଯାଇଛି । ଏହାସହିତ ୬ କମ୍ପାନୀ ସେମାନଙ୍କର ଲାଭ ଠାରୁ ଅଧିକ ଚାନ୍ଦା ପ୍ରଦାନ କରିଥିବା ସଞ୍ଜୟ ଅଭିଯୋଗ କରିଛନ୍ତି ।

ବନ୍ଧାହେଲେ ଧୂର୍ତ୍ତ ...

ଜିଆର୍‌ପି ଯୁବକଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଆର୍‌ପିଏଫ୍‌ର ଅଭିଯୋଗ କ୍ରମେ ଜିଆର୍‌ପି ଥାନାରେ ମାମଲା ମଧ୍ୟ ହୋଇଛି ।

ଦଳଡିଆଁ ନେତାଙ୍କ ଲାଗି ...

ଦଳକୁ କିଏ ସବୁ ଦଳଡିଆଁ କରୁଛନ୍ତି ସେମାନଙ୍କୁ କେଉଁଠାରୁ ଟିକଟ୍ ମିଳୁଛି ତାହା ଉପରେ ଏବେ ଦଳୀୟ କର୍ମୀ ତୀକ୍ଷ୍ଣ ନଜର ରଖିଛନ୍ତି ।

ଘୋଡ଼ାବେପାର ମାମଲାରେ ରାଜ୍ୟପାଳଙ୍କୁ କ୍ଲିନ୍‌ଚିଟ୍

ଭୁବନେଶ୍ୱର, ୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ଓଡ଼ିଶା ରାଜ୍ୟପାଳ ତଥା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ଏକ ଘୋଡ଼ାବେପାର ମାମଲାରେ କ୍ଲିନ୍‌ଚିଟ୍ ମିଳିଛି । ୨୦୧୬ରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଘୋଡ଼ାବେପାର କରିବା ଅଭିଯୋଗରେ ରଘୁବର ଅଭିଯୁକ୍ତ ଥିଲେ। ରାଞ୍ଚି ସ୍ୱତନ୍ତ୍ର କୋର୍ଟ (ଭିଜିଲାନ୍ସ) କ୍ଲୋଜର ରିପୋର୍ଟକୁ ଗ୍ରହଣ କରି ଏହି ମାମଲାକୁ ବନ୍ଦ କରିଦେଇଛନ୍ତି ।

୨୦୧୮ ମାର୍ଚ୍ଚରେ ଗୃହ ବିଭାଗର ତତ୍କାଳୀନ ଅତିରିକ୍ତ ସଚିବଙ୍କ ଏତଲା କ୍ରମେ ଜଗନ୍ନାଥପୁର ଥାନାରେ ଏହି ମାମଲା ରୁଜୁ ହୋଇଥିଲା। ସେତେବେଳେ ରଘୁବର ଦାସଙ୍କ ରାଜନୈତିକ ପରାମର୍ଶଦାତା ଥିବା ଅଜୟ କୁମାର ଏବଂ ସିଆଇଡି ମହାନିର୍ଦ୍ଦେଶକ ଅନୁରାଗ ଗୁପ୍ତାଙ୍କୁ ଏଥିରେ ଅଭିଯୁକ୍ତ ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ରଘୁବରଙ୍କ ନାମ ଏହି ମାମଲାରେ ଯୋଡ଼ା ଯାଇଥିଲା। ବର୍କାଗାଓର କଂଗ୍ରେସ ବିଧାୟିକା ନିର୍ମଳା ଦେବୀଙ୍କୁ ରାଜ୍ୟସଭା ନିର୍ବାଚନ ବେଳେ ମତଦାନରୁ ବିରତ ରହିବାକୁ ରଘୁବରଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ପ୍ରବର୍ତ୍ତାଇବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ଝାଡ଼ଖଣ୍ଡ ଭାଜପା ସଭାପତି ଥିବା ବାବୁଲାଲ୍ ମାରାଣ୍ଡି ସେତେବେଳେ ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚାର ଅଧ୍ୟକ୍ଷ ଥିଲେ। ଜୁନ୍ ୧୦ରେ ବାବୁଲାଲ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଏକ ସିଡି ଦାଖଲ କରିଥିଲେ । ଅନୁରାଗ, ଅଜୟ ଏବଂ ନିର୍ମଳାଙ୍କ ସ୍ୱାମୀ ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ସାଓଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ରେକର୍ଡ ଏହି ଅଡିଓ ଟେପ୍‌ରେ ରହିଥିଲା । ସେମାନେ ଯୋଗେନ୍ଦ୍ରଙ୍କୁ ୫ କୋଟି ଟଙ୍କା ଯାଚିବା ସହ ତାଙ୍କ ବିରୋଧରେ ବିଚାରାଧୀନ ଥିବା ଅନେକ ଆପରାଧିକ ମାମଲା ପ୍ରତ୍ୟାହାର କରିନେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହାର ଦିନକ ପରେ ଭାଜପା ପ୍ରାର୍ଥୀ ମୁଖ୍‌ତାର ଅବ୍‌ବାସ ନକ୍‌ଭି ଓ ମହେଶ ପୋଦ୍ଦାର ଝାଡ଼ଖଣ୍ଡର ୨ ରାଜ୍ୟସଭା ଆସନରୁ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିଲେ। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ବସନ୍ତ ସୋରେନ୍ ନିର୍ବାଚନରେ ହାରି ଯାଇଥିଲେ। ଭାଜପା ନିକଟରେ ଦ୍ୱିତୀୟ ପ୍ରାର୍ଥୀଙ୍କ ସପକ୍ଷରେ ପର୍ଯ୍ୟାପ୍ତ ଭୋଟ ନଥିବାରୁ ପୋଦ୍ଦାରଙ୍କ ବିଜୟ ସମସ୍ତଙ୍କୁ ବିସ୍ମିତ କରିଥିଲା। ତେବେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୁକ୍ତମାନଙ୍କ ଭଏସ୍ ରେକର୍ଡିଂ ସମ୍ବଳିତ ସିଡିରେ ଟାମ୍ପରିଂ କରାଯାଇଥିବା ନେଇ ଫୋରେନ୍‌ସିକ୍ ସାଇନ୍ସ ଲାବ୍ (ଏଫ୍‌ଏସ୍‌ଏଲ୍) ରିପୋର୍ଟରେ ଉଲ୍ଲେଖ କରାଯାଇଛି । ରାଞ୍ଚି ପୋଲିସ ଗତ ଜାନୁଆରୀରେ ଏହି ମାମଲାକୁ ବନ୍ଦ କରିବା ପାଇଁ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। ରଘୁବର ୨୦୨୩ ଅକ୍ଟୋବର ୧୮ରେ ଓଡ଼ିଶାର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ ।

ସିରିଜ୍ ଦୁର୍ଘଟଣା ୧୮ ଆହତ

ନାଗପୁର, ୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ମହାରାଷ୍ଟ୍ର ନାଗପୁରରେ ଘଟିଛି ସିରିଜ୍ ଦୁର୍ଘଟଣା । ଏକ ୧୬ ଚକିଆ ଟ୍ରକ୍ ଧକ୍କାରେ ୧୨ଟି ଗାଡ଼ି ଭାଙ୍ଗି ଚୂର୍ମାର ହୋଇଛି । ଏହି ଗାଡ଼ିଗୁଡ଼ିକ ମଧ୍ୟରେ ୯ଟି କାର୍ ସହ ଏକ ଆମ୍ବୁଲାନ୍ସ ଏବଂ ଦୁଇଟି ବାଇକ୍ ଥିବା ଜଣାଯାଇଛି । ଏହି ଦୁର୍ଘଟଣା ଯୋଗୁ ୧୮ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।

ନାଗପୁରର ମାନକପୁର ଅଞ୍ଚଳରେ ଦ୍ରୁତ ଗତିରେ ଫ୍ଲାଏ ଓଭର ଉପରୁ ଏକ ଟ୍ରକ୍ ତଳକୁ ଖସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଟ୍ରକ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ଏହି ସିରିଜ୍ ଦୁର୍ଘଟଣାରେ ୧୨ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣାର ଭୟାବହତା ଏପରି ଥିଲା ଯେ ଗାଡ଼ିଗୁଡ଼ିକ ରାସ୍ତା ଉପରେ ଛିଟିକି ପଡ଼ିଥିଲା ।

ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ଘଟଣାର ଛାନ୍‌ଭିନ୍ ଚଳାଇଛି । ଏଥିସହ ଆହତମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏଥିପାଇଁ ରାସ୍ତାରେ କିଛି ସମୟ ଯାତାୟତ ବନ୍ଦ ରହିଥିଲା। ଗାଡ଼ିଗୁଡ଼ିକୁ ତୁରନ୍ତ ରାସ୍ତାରୁ ହଟାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାଯାଇଛି ।

କେଜରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଯାଉ ଆବେଦନକାରୀଙ୍କୁ ଲାଗିପାରେ ଜରିମାନା

ନୂଆଦିଲ୍ଲୀ, ୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ସୋମବାର ଦିଲ୍ଲୀ ହାଇକୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ନେଇ କରାଯାଇଥିବା ଦାବି ଉପରେ ଏକ ଝଟ୍‌କା ଦେଇଛନ୍ତି । ଏହା ପ୍ରଚାର ପାଇଁ କରାଯାଉଛି ବୋଲି ହାଇକୋର୍ଟ କହିଛନ୍ତି । ଆମେ ଆବେଦନକାରୀଙ୍କ ଉପରେ ଜରିମାନା ଲଗାଇବୁ । ଦିଲ୍ଲୀ ଏକ୍ସାଇଜ୍ ପଲିସିର ମନି ଲଣ୍ଡରିଂ ମାମଲାରେ ଗିରଫ ହେବା ପରେ କେଜରିୱାଲଙ୍କୁ ଏହି ପଦବୀରୁ ହଟାଇବା ପାଇଁ ପୂର୍ବତନ ଆମ୍ ଆଦ୍‌ମି ପାର୍ଟି ବିଧାୟକ ସନ୍ଦୀପ କୁମାର କୋର୍ଟଙ୍କ ନିକଟକୁ ଯାଇଥିଲେ।

ସନ୍ଦୀପ କୁମାରଙ୍କ ଆବେଦନକୁ ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ ସୁବ୍ରମଣ୍ୟମ୍ ପ୍ରସାଦ ସମାଲୋଚନା କରିଛନ୍ତି । ତେବେ କୋର୍ଟ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିନାହାଁନ୍ତି । କାରଣ କୋର୍ଟ

କହିଛନ୍ତି ଯେ ବେଞ୍ଚ ପୂର୍ବରୁ ମଧ୍ୟ ଏପରି ଆବେଦନ ଶୁଣାଣି କରିଛି । ଏହି ଆବେଦନ ମଧ୍ୟ ସମାନ ବେଞ୍ଚ ପୂର୍ବରୁ ଶୁଣାଣି କରାଯିବା ଉଚିତ । ବୁଧବାର ଏହି ଆବେଦନ ଶୁଣାଣି ହୋଇପାରେ । ସୂଚନାଯୋଗ୍ୟ, ଏହାପୂର୍ବରୁ ଅନ୍ୟମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଦୁଇଟି ଆବେଦନ ହାଇକୋର୍ଟ ପୂର୍ବରୁ ପ୍ରତ୍ୟାଖ୍ୟାନ କରିସାରିଛନ୍ତି । ଏପ୍ରିଲ୍ ୪ରେ କାର୍ଯ୍ୟକାରୀ ପ୍ରଧାନ ବିଚାରପତି ମନମୋହନ ଏବଂ ଜଷ୍ଟିସ ମନମିତ ପିଏସ୍ ଆରୋରାଙ୍କ ଏକ ବେଞ୍ଚ ଏହି ପ୍ରସଙ୍ଗରେ ପିଆଇଏଲ୍ ବିଚାର କରିବାକୁ ମନା କରିଦେଇଲେ ଏବଂ ମୁଖ୍ୟମନ୍ତ୍ରୀ ହେବା କେଜରିୱାଲଙ୍କ ବ୍ୟକ୍ତିଗତ ଇଚ୍ଛା ବୋଲି କହିଥିଲେ ।

ଏଥିସହିତ କୋର୍ଟ ଅନ୍ୟ ଏକ ସମନ ପିଆଇଏଲ୍‌କୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଭାର ଗ୍ରହଣ କରିବାରେ ବାରଣ କରୁଥିବା କୌଣସି ଆଇନଗତ ପ୍ରତିବନ୍ଧକ ପ୍ରମାଣ କରିବାରେ ବିଫଳ ହୋଇଛନ୍ତି ।

୧୦୦୦% ଗ୍ୟାରେଣ୍ଟି ଦେବା ମହଙ୍ଗା ପଡ଼ିଲା

ଷ୍ଟକ୍ ପରାମର୍ଶଦାତାଙ୍କୁ ୧୨ କୋଟି ଜରିମାନା

ନୂଆଦିଲ୍ଲୀ, ୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ବେଆଇନ ଭାବେ ଷ୍ଟକ୍ ବଜାର କାରବାର ସମ୍ପର୍କିତ ପରାମର୍ଶ ଦେଉଥିବା ରବୀନ୍ଦ୍ର ବାଲୁ ଭାରତୀଙ୍କ ଉପରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ୧୨ କୋଟି ଟଙ୍କାର ଜରିମାନା ଲାଗୁ କରିଛି । ସେ ରବୀନ୍ଦ୍ର ଭାରତୀ ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁଟ ନାମରେ ଏକ କମ୍ପାନୀ ଗଠନ କରି ଷ୍ଟକ୍ କାରବାର ତାଲିମ ପ୍ରଦାନ କରୁଥିଲେ। ସେହି ସଂସ୍ଥା କିନ୍ତୁ ପଞ୍ଜୀକୃତ ହୋଇନଥିଲା। ସେ ମରାଠୀ ଓ ହିନ୍ଦୀ ଭାଷାରେ ଦୁଇଟି ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଷ୍ଟକ୍ ଟ୍ରେଡ଼ିଂ ପରାମର୍ଶ ମଧ୍ୟ ଦେଉଥିଲେ । ମରାଠୀ ଚ୍ୟାନେଲ୍‌ର ୧୦.୮ ଲକ୍ଷ ଓ ହିନ୍ଦୀର ୮.୨୨ ଲକ୍ଷ ସବ୍‌ସକ୍ରାଇବର୍ ରହିଛନ୍ତି । ତଦନ୍ତ କରି ସେବି ଜାଣିବାକୁ ପାଇଥିଲା ଯେ ୧୦୦୦ ପ୍ରତିଶତ ପର୍ଯ୍ୟନ୍ତ ରିଟର୍ଣ୍ଣର ଗ୍ୟାରେଣ୍ଟି ଭଳି ମିଛ ପ୍ରତିଶ୍ରୁତି ଦେଇ ନିବେଶକମାନଙ୍କୁ ସେ ବିଭ୍ରାନ୍ତ କରୁଥିଲେ। ଆଗ୍ରହୀ ବ୍ୟକ୍ତିଙ୍କ ସହ ଚୁକ୍ତି ସ୍ୱାକ୍ଷର କରାଯାଉଥିବା ବେଳେ ତାଙ୍କଠାରୁ ଫି' ମଧ୍ୟ ଅସୁଲ କରାଯାଉଥିଲା। ନିଜର ବ୍ୟକ୍ତିଗତ ଲାଭ ପାଇଁ ନିବେଶକମାନଙ୍କ ସ୍ୱାର୍ଥ ସହ ଭାରତୀ ସାଲିସ କରିଥିବା ତଦନ୍ତରୁ ଜଣାପଡ଼ିଛି । ପରେ ତାଙ୍କ ଉପରେ ଜରିମାନା ଲାଗୁ କରାଯାଇଛି । ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏସ୍‌କ୍ରୋ ଖାତା ଖୋଲି ସେଥିରେ ଟଙ୍କା ଜମା କରିବାକୁ ସେବି ତାଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

ଜମ୍ମୁ-କଶ୍ମୀରରେ କଂଗ୍ରେସ-ନ୍ୟାସନାଲ କନ୍‌ଫରେନ୍ସ ଆସନ ବୁଝାମଣା

ନୂଆଦିଲ୍ଲୀ, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ଜମ୍ମୁ-କଶ୍ମୀରରେ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଓ ନ୍ୟାସନାଲ କନଫରେନ୍ସ ମଧ୍ୟରେ ଆଲୋଚନା ହୋଇଛି । ଆସନ ବୁଝାମଣା ସମ୍ପର୍କରେ ନ୍ୟାସନାଲ କନଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି ଯେ ଏନ୍‌ସି ପ୍ରାର୍ଥୀମାନେ ତିନୋଟି ଆସନରେ ଲଢ଼ିବେ ଏବଂ ଅବଶିଷ୍ଟ ଆସନରେ ଆମେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବୁ । ସେ କହିଛନ୍ତି ଯେ ଉଧମପୁର, ଜମ୍ମୁ ଓ ଲଦାଖ ଆସନରେ କଂଗ୍ରେସ ଏବଂ ଅନନ୍ତନାଗ-ରାଜୌରୀ, ବାରାମୁଲା ଏବଂ ଶ୍ରୀନଗର ଆସନରେ ନ୍ୟାସନାଲ କନଫରେନ୍ସ ପ୍ରତିଦ୍ୱନ୍ଦ୍ୱିତା କରିବ । ଚୌଧୁରୀ ଲାଲ୍ ସିଂହ ଉଧମପୁରରୁ, ରମଣ ଭଲ୍ଲା ଜମ୍ମୁରୁ ଏବଂ ମିଆଁ ଅଲତାଫ ଅହମ୍ମଦ ଅନନ୍ତନାଗରୁ ନିର୍ବାଚନ ଲଢ଼ିବେ । ଅବଶିଷ୍ଟ ଆସନ ପାଇଁ ଖୁବଶୀଘ୍ର ପ୍ରାର୍ଥୀ ଘୋଷଣା କରାଯିବ। ପିଡିପି ସହ ମେଣ୍ଟ ପ୍ରସଙ୍ଗରେ ଓମାର ଅବଦୁଲ୍ଲା କହିଛନ୍ତି ଯେ ଆମେ ଏକାଠି ନିର୍ବାଚନ ଲଢ଼ିବାକୁ ଚେଷ୍ଟା କରିଥିଲୁ, କିନ୍ତୁ ସହମତି ହୋଇପାରି ନଥିଲା। ଲୋକସଭା ନିର୍ବାଚନରେ ଆମକୁ ସାହାଯ୍ୟ କରିବାକୁ ଆମେ ତାଙ୍କୁ କହିଥିଲୁ । ବିଧାନସଭାରେ ଆମେ ସେମାନଙ୍କୁ

ସାହାଯ୍ୟ କରିବୁ କିନ୍ତୁ ତାହା ଫଳପ୍ରଦ ହେଲା ନାହିଁ । ଗଣତନ୍ତ୍ରରେ ସେମାନଙ୍କର ଯେକୌଣସି ସ୍ଥାନରୁ ନିର୍ବାଚନ ଲଢ଼ିବାର ଅଧିକାର ରହିଛି ।

କଂଗ୍ରେସରେ ଯୋଗ ଦେଲେ ପୂର୍ବତନ ବିଜେଡି ବିଧାୟକ

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ପୂର୍ବତନ ସଦର ବିଜେଡି ବିଧାୟକ ସୁବର୍ଣ୍ଣ ନାୟକ ତାଙ୍କ ସ୍ତ୍ରୀଙ୍କ ସହିତ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଂଗ୍ରେସରେ ଯୋଗ ଦେଇଛନ୍ତି । ଏହି ଅବସରରେ ତାଙ୍କର ବହୁ ସମର୍ଥକ ମଧ୍ୟ କଂଗ୍ରେସରେ ସାମିଲ ହୋଇଥିଲେ । ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ନେତା ଜୟଦେବ ଜେନା, ଜିଲ୍ଲା ସଭାପତି ମୋହନ ପରିଡ଼ା,

ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସମ୍ପାଦକ ସଂଗ୍ରାମ ଦାସ, ଜିଲ୍ଲା ଆଦିବାସୀ ସେଲ୍ ସଭାପତି ବିନୋଦ ବିହାରୀ ନାୟକ, ଯୁବ ସଭାପତି ସୁନେଶ ଧିର ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତି ରହି ସ୍ୱାମୀ-ସ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଚାକିରିରୁ ଅବସର ନେଇ ସୁବର୍ଣ୍ଣ ବିଜେଡିରେ ଯୋଗଦେଇ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଜେଡିର ବିଧାୟକ ଥିଲେ । ତେବେ ଦୀର୍ଘ ୧୦ ବର୍ଷ ଅପେକ୍ଷା ପରେ ମଧ୍ୟ ଦଳ ତାଙ୍କୁ ଅଣଦେଖା କରିବାରୁ ବାଧ୍ୟ ହୋଇ ସେ ଦଳ ଛାଡ଼ିଥିବା ସୁବର୍ଣ୍ଣ କହିଛନ୍ତି ।

ସେହିପରି ତାଙ୍କ ସ୍ତ୍ରୀ ମଧ୍ୟ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ଥିଲେ । ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ୧୬ ନମ୍ବର ଜୋନ୍‌ରୁ ଜିଲ୍ଲାପରିଷଦ ଭାବେ ବିଜୟୀ ହୋଇଥିଲେ । ସେ ମଧ୍ୟ ବିଜେଡିର ରାଜ୍ୟ କାଉନସିଲ୍ ସଦସ୍ୟା ଥିଲେ । ଦଳ ସେମାନଙ୍କୁ ଅଣଦେଖା କରିଥିବାରୁ ଲୋକଙ୍କ ସେବା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଥିବା ଉଭୟ ସ୍ୱାମୀସ-ସ୍ତ୍ରୀ କହିଛନ୍ତି । ଆଦିବାସୀଙ୍କ ପ୍ରତି କରାଯାଉଥିବା ବିଜେପି ଓ ବିଜେଡିର ଅବହେଳାକୁ ନେଇ ଲୋକଙ୍କ ପାଖକୁ ଯିବେ ଓ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଜିଲ୍ଲାର ବିକାଶରେ ଲଢେଇ ଜୋରଦାର କରିବେ ବୋଲି କହିଛନ୍ତି ।

ପଦ୍ମନାଭଙ୍କ ପ୍ରାର୍ଥିତ୍ୱକୁ ଘୋର ବିରୋଧ

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ଲଗାତାର ୩ ଥର ବିଜେଡିରୁ ବିଧାୟକ ହୋଇଥିବା ପଦ୍ମନାଭ ବେହେରାଙ୍କ ଅଡୁଆ ବଢ଼ିଲା। ପ୍ରାର୍ଥୀ ଘୋଷଣା ପରେ ତାଙ୍କୁ ଜୋରଦାର ବିରୋଧ କରାଯାଉଛି । ପଦ୍ମନାଭ ବେହେରାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହାଙ୍କ ସମେତ ଶତାଧିକ ସମର୍ଥକ ଇସ୍ତଫା ଦେଇଛନ୍ତି । ତେବେ ସେମାନେ କେଉଁ ଦଳରେ ଯୋଗ ଦେବେ, ସେନେଇ ମୁହଁ ଖୋଲିନାହାନ୍ତି । ସମୟ ଥାଉ ଥାଉ ବିବାଦ ସମାଧାନ ନହେଲେ ପଦ୍ମନାଭ ବେହେରାଙ୍କ ଅଡୁଆ ଜଟିଳ ହୋଇପାରେ ବୋଲି ମତପ୍ରକାଶ ପାଉଛି ।

ବୀରମହାରାଜପୁର ନିର୍ବାଚନମଣ୍ଡଳୀ ବିଜେଡିର ଗଡ଼ ଭାବେ ପରିଚିତ ହୋଇଥିଲା। ୨୦୦୦ ମସିହାରୁ ବୀରମହାରାଜପୁର ନିର୍ବାଚନମଣ୍ଡଳୀକୁ ବିଜେଡି ନିଜ କବ୍ଜାରେ ରଖିଛି । ତେବେ ୨୦୦୯ ମସିହାରୁ ପଦ୍ମନାଭ ବେହେରା ଲଗାତାର ତିନି ଥର ଜିତି ଆସୁଛନ୍ତି । ଦଳ ତାଙ୍କୁ ଏଥର ପୁଣି ଥରେ ପ୍ରାର୍ଥୀ କରିଛି । ହେଲେ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଛନ୍ତି

ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା। କାରଣ ଚଳିତ ସାଧାରଣ ନିର୍ବାଚନରେ ସେ ଆଶାୟୀ ଥିଲେ । ଏପରିକି ନିର୍ବାଚନମଣ୍ଡଳୀର କର୍ମକର୍ତ୍ତା ଓ ବରିଷ୍ଠ ନାଗରିକଙ୍କଠାରୁ ସଂଗ୍ରହ କରିଥିବା ୧୦ ହଜାର ଦସ୍ତଖତ ନବୀନ ନିବାସ ପଠାଇଥିଲେ। ଆଉ ଭାବିଥିଲେ ବିଜେଡି ମୁଖିଆ ତାଙ୍କ ମୁଣ୍ଡରେ ଆଶୀର୍ବାଦ ଢାଳିବେ । ହେଲେ ପ୍ରାର୍ଥୀ ଘୋଷଣା ପରେ ସବୁକିଛି ଓଲଟ ପାଲଟ ହୋଇଗଲା। ପଦ୍ମନାଭ ବେହେରାଙ୍କୁ ବିଜେଡି ପୁଣି ଥରେ ପ୍ରାର୍ଥୀ କରିଥିଲା।

ପଦ୍ମନାଭ ବେହେରାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି ନାରାୟଣ ଲୁହା। ଏଥିସହ ତାଙ୍କ ପତ୍ନୀ ତଥା ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ସମେତ ବ୍ଲକ୍‌ର ବହୁ ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ ବିଜେଡି କର୍ମକର୍ତ୍ତା ସାମୂହିକ ଇସ୍ତଫା ଦେଇଛନ୍ତି । ନିଜର ଇସ୍ତଫାପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇ ଦେଇଛନ୍ତି । ବିଜେଡିରୁ ଇସ୍ତଫା ପରେ ନାରାୟଣ ଲୁହା ଓ ତାଙ୍କ ସମର୍ଥକଙ୍କ ଆଗାମୀ ରଣନୀତି କ'ଣ ହେବ, ତାହା ଜଣାପଡ଼ି ନାହିଁ ।

ବିଜେଡିରୁ ଇସ୍ତଫା ପରେ ନାରାୟଣ ଲୁହା କହିଛନ୍ତି, ବୀରମହାରାଜପୁର ନିର୍ବାଚନମଣ୍ଡଳୀ ଅଞ୍ଚଳବାସୀ ଚାହୁଁଥିଲେ ଜଣେ ସ୍ଥାନୀୟ ନେତା ପ୍ରାର୍ଥୀ ହୁଅନ୍ତୁ । ଆଉ ବିଦେଶୀ ଲୋକଙ୍କୁ ହଟାଯାଉ । ତେଣୁ ମୁଁ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗାଁକୁ ଯାଇଥିଲି ଓ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିଥିଲି । ମୁଁ ପ୍ରାର୍ଥୀ ହେବି ବୋଲି ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଉଲୁଣ୍ଡା ଓ ବିନିକାର ପ୍ରତ୍ୟେକ ବ୍ୟକ୍ତି ଚାହୁଁଥିଲେ । ହେଲେ ମୋତେ ଅଣଦେଖା କରାଗଲା। ତେଣୁ ମୁଁ ବିଜେଡିରୁ ଇସ୍ତଫା ଦେଇଛି । ଆଗାମୀ ଦିନରେ ମାଆ ଓ ମାଟିର ବିକାଶ ପାଇଁ କାମ କରିବି । ବିଜେଡି ପ୍ରାର୍ଥୀଙ୍କୁ ଆଗାମୀ ଦିନରେ ଜୋରଦାର ବିରୋଧ କରାଯିବ । ସଭା ସମିତି କରିବାକୁ ଦିଆଯିବ ନାହିଁ ବୋଲି ନାରାୟଣ ଲୁହା କହିଛନ୍ତି ।

ପ୍ରଚାର ବେଳେ ମନ୍ତ୍ରୀଙ୍କ ଗାଡ଼ିରେ ପିଟି ହୋଇ ଚାଲିଗଲା ଜଣେ ବୃଦ୍ଧଙ୍କ ଜୀବନ

ନୂଆଦିଲ୍ଲୀ, ୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ନିର୍ବାଚନ ପ୍ରଚାର ବେଳେ ଅଘଟଣ । କେନ୍ଦ୍ର ମନ୍ତ୍ରୀଙ୍କ ଗାଡିରେ ପିଟି ହେଲେ ବୃଦ୍ଧ । ଚାଲିଗଲା ଜୀବନ। କର୍ଣ୍ଣାଟକର ବିଜେପି ନେତା ତଥା କେନ୍ଦ୍ର କୃଷି ମନ୍ତ୍ରୀ ଶୋଭା କରନ୍ଦଲାଜେଙ୍କ କାର୍‌ରେ ଏହି ଦୁର୍ଘଟଣା ଘଟିଛି । ସୂଚନା ମୁତାବକ, ବେଙ୍ଗାଲୁରୁ ଉତ୍ତରରେ କେନ୍ଦ୍ର ମନ୍ତ୍ରୀ ଶୋଭା କରନ୍ଦଲାଜେ ନିଜ ଫର୍ଚ୍ୟୁନର କାର୍‌ରେ ନିର୍ବାଚନ ପ୍ରଚାର କରୁଥିଲେ। ଏହି ସମୟରେ ସେ କାର୍‌ରୁ ଓହ୍ଲାଇ ଏକ ଗଳି ଭିତରକୁ ପ୍ରଚାର କରିବା ପାଇଁ ଯାଇଥିଲେ। ଏହାର କିଛି ସମୟ ପରେ ଗାଡିରେ ବସିଥିବା ଡ୍ରାଇଭର ଅଚାନକ କାର୍‌ର ଡୋର୍ ଖୋଲି ଦେଇଥିଲେ। ଫଳରେ ପଛପଟୁ ହୋଣ୍ଡା ଆକ୍ଟିଭା ନେଇ ଆସୁଥିବା ଜଣେ ବୃଦ୍ଧ କାର୍ ଡୋର୍‌ରେ ପିଟି ହୋଇ ତଳେ ପଡି ଯାଇଥିଲେ।

ଏହାପରେ ପଛପଟୁ ଆସୁଥିବା ଏକ ବସ୍ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଲେ ୬୨ ବର୍ଷୀୟ ବୃଦ୍ଧ ପ୍ରକାଶ । ଏହି ଘଟଣା ପାଇଁ ପୁଲିସ ମନ୍ତ୍ରୀଙ୍କ ଡ୍ରାଇଭଙ୍କୁ ଦାୟୀ କରିଛି । ତାଙ୍କୁ ଗିରଫ କରାଯାଇଥିବା ପୁଲିସ ସୂଚନା ଦେଇଛି ।

ଶୋଭା କରନ୍ଦଲାଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଅଛନ୍ତି । ସେ ଲଗାତାର ଦୁଇ ଥର କର୍ଣ୍ଣାଟକରୁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ସେ ୨୦୧୯ ଲୋକସଭା ନିର୍ବାଚନରେ ଉଡୁପି-ଚିକମାଙ୍ଗାଲୁରରୁ ସାଢ଼େ ୩ ଲକ୍ଷରୁ ଅଧିକ ଭୋଟ୍‌ରେ ରେକର୍ଡ ବିଜୟ ହାସଲ କରିଥିଲେ ।

ଭୋଟରଙ୍କୁ କମ୍ ଦାମ୍‌ରେ ଭଲ ମଦ ଦେବେ ଚନ୍ଦ୍ରବାବୁ

ନୂଆଦିଲ୍ଲୀ, ୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରଚାର ମୈଦାନ ସେତିକି ପଡୁଛି ଉଠୁଛୁ । ନେତା-ମନ୍ତ୍ରୀମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଦେଉଛନ୍ତି ପୁଳା ପୁଳା ପ୍ରତିଶ୍ରୁତି । ଏହି କ୍ରମରେ ଏବେ ତେଲୁଗୁ ଦେଶମ୍ ପାର୍ଟି ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଭୋଟରଙ୍କୁ ଦେଖାଇଛନ୍ତି କମ୍ ଦାମ୍‌ରେ ଭଲ ମଦର ଲୋଭ।

ଆନ୍ଧ୍ରପ୍ରଦେଶର ନିଜ ନିର୍ବାଚନମଣ୍ଡଳୀ କୁପ୍ପମ୍‌ରେ ଏକ ରାଲିକୁ ସମ୍ବୋଧିତ କରି ଚନ୍ଦ୍ରବାବୁ ନାଇଡୁ ଭୋଟରଙ୍କୁ କମ୍ ଦାମ୍‌ରେ ଭଲ ମଦ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ନିର୍ବାଚନ ଜିତିବାର ମାତ୍ର ୪୦ ଦିନ ପରେ କମ୍ ଦାମ୍‌ରେ କ୍ୱାଲିଟି ତଥା ଭଲ ମଦ ଦିଆଯିବ । ମୋର ଛୋଟ ଭାଇମାନେ ମଦର ଦାମ କମ୍ କରିବାକୁ ଦାବି କରୁଛନ୍ତି ।

କେବଳ ସେତିକି ନୁହେଁ, ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍ନ ମୋହନ ରେଡ୍ଡୀ ଓ ତାଙ୍କ ଦଳ ୱାଇଆର୍‌ଏସ୍ କଂଗ୍ରେସ ଉପରେ ମଧ୍ୟ ବର୍ଷିଛନ୍ତି । ୨୦୧୯ରେ ଦକ୍ଷିଣର ରାଜ୍ୟଗୁଡିକରେ ମଦ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଦେଇଥିବା ପ୍ରତିଶ୍ରୁତିରୁ ପଛକୁ ହଟିଥିବା ନେଇ ସେ ଜଗନ୍ନ ମୋହନ ରେଡ୍ଡୀଙ୍କୁ ଟାର୍ଗେଟ୍ କରିଛନ୍ତି ।

ମଦ ସମେତ ପ୍ରତ୍ୟେକ ଜିନିଷର ଦାମ ଦିନକୁ ଦିନ ବଢ଼ିବାରେ ଲାଗିଛି । ରାଜ୍ୟରେ ଗୋଟିଏ ନିବ୍ (୧୮୦ ଏମ୍‌ଏଲ୍)ର ଦାମ୍ ୬୦ ଟଙ୍କା ଥିବା ବେଳେ ଏହାକୁ ଜଗନ୍ନ ସରକାର ୨୦୦ ଟଙ୍କାକୁ ବଢ଼ାଇ ଦେଇଛନ୍ତି । ଏଥିରୁ ୧୦୦ ଟଙ୍କା ସିଧାସଳଖ ସରକାରଙ୍କ ପକେଟ୍‌କୁ ଯାଉଥିବା ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଏଥର ଆନ୍ଧ୍ରପ୍ରଦେଶରେ ଲୋକସଭା ସହ ବିଧାନସଭା ନିର୍ବାଚନ ମଧ୍ୟ ହେବ । ଚଳିତ ଥର ଟିଡିପି-ଏନ୍‌ଡିଏ-ଜନସେନା ପାର୍ଟି ମଧ୍ୟରେ ମେଣ୍ଟ ହୋଇଛି । ନିକଟରେ ଏମାନଙ୍କ ମଧ୍ୟ ସିଟ୍ ଭାଗବଣ୍ଟା ଅଙ୍କ ଛିଣ୍ଡିଛି । ବିଜେପି ଯେଉଁଠି ୬ ଲୋକସଭା ଓ ୧୦ ବିଧାନସଭା ଆସନରେ ନିର୍ବାଚନ ଲଢ଼ିବ ସେଠି ଜନସେନା ପାର୍ଟିକୁ ୨ଟି ଲୋକସଭା ଓ ୨୧ଟି ବିଧାନସଭା ଆସନ ମିଳିଛି । ଟିଡିପି ନିଜ ପାଖରେ ୧୭ଟି ଲୋକସଭା ଓ ୧୪୪ଟି ବିଧାସଭା ଆସନ ରଖିଛି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Plot No.-H/18, Mancheswar Industrial Estate, Bhubaneswar-10 & Printed at Radhakrushna Publications Pvt. Ltd., Plot No.-H/18, M.I. Estate, Bhubaneswar-10, Mob. : 8895483474/9583706460

Executive Editor : Ambika Prasad Das କାର୍ଯ୍ୟନିର୍ବାହୀ ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Editor : Umapada Bose ସମ୍ପାଦକ : ଉମାପଦ ବୋଷ